# REGIONAL NEWS UNIT, AIR CUTTACK

## Evening Bulletin (6.30 PM)

**09th June - 2024**

**News Editor : *Tapan Kumar Maharana***

*************************************

## ମୁଖ୍ୟ ସମ୍ବାଦ

- ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ କ୍ରମାଗତ ତୃତୀୟଥର ପାଇଁ ଏନ.ଡି.ଏର ନେତା ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଆଉ କିଛି ସମୟ ପରେ ନେବେ ଶପଥ

— ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କରାଇବେ ଶପଥ ପାଠ

- ରାଜ୍ୟରେ ନୂଆ ସରକାର ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଆସନ୍ତା ବୁଧବାର ଦିନ ନେବେ ଶପଥ

— ୧୧ତାରିଖରେ ବିଜେପି ବିଧାୟକ ଦଳର ବୈଠକରେ ହେବ ନେତା ନିର୍ବାଚନ

- ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଆସନ୍ତାକାଲି ହେବ ଶିବ ବିବାହ

ଏବଂ

- ୧୯ତମ ଜାତୀୟ ଯୁବ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ରାଜ୍ୟର ୩୬ ଜଣ କ୍ରୀଡ଼ାବିତ୍ ମନୋନୀତ

*Desk*

## ପ୍ରଧାନମନ୍ତ୍ରୀଙ୍କ ଶପଥ ଗ୍ରହଣ

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏର ସଂସଦୀୟ ଦଳ ନେତା ନରେନ୍ଦ୍ର ମୋଦୀ କ୍ରମାଗତ ତୃତୀୟଥର ପାଇଁ ଆଜି ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ରାଷ୍ଟ୍ରପତି ଭବନରେ ଏଥିପାଇଁ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଛି। ଶ୍ରୀ ମୋଦୀ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ନୂତନ ସଦସ୍ୟଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶପଥ ପାଠ କରାଇବେ।

ଆମ ଆକାଶବାଣୀ ସମ୍ବାଦଦାତାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ପଡ଼ୋଶୀ ଦେଶଗୁଡ଼ିକର ରାଷ୍ଟ୍ର ମୁଖ୍ୟ ଏବଂ ନେତା ମାନେ ସମାରୋହରେ ଯୋଗଦେବେ। ସେମାନଙ୍କ ମଧ୍ୟରେ ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ ହାସିନା, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ୍ ବିକ୍ରମସିଙ୍ଘେ, ମାଲଦ୍ୱୀପର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁ, ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ କୁମାର ଜଗନ୍ନାଥ, ନେପାଳର ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ, ଭୁଟାନ୍‌ର ପ୍ରଧାନମନ୍ତ୍ରୀ ଶେରିଙ୍ଗ୍ ତୋବ୍‌ଗେ ପ୍ରମୁଖ ଅଛନ୍ତି।

*Desk*

## ଶପଥ ଗ୍ରହଣ- ସିଧାପ୍ରସାରଣ

ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ସମାରୋହକୁ ଆକାଶବାଣୀ ପକ୍ଷରୁ ସିଧାପ୍ରସାରଣ କରାଯିବ। ସନ୍ଧ୍ୟା ୬ଟା ୪୫ ମିନିଟ୍‌ରେ ଏଫ୍.ଏମ୍.ଗୋଲ୍ଡ, ଇନ୍ଦ୍ରପ୍ରସ୍ଥ ଏବଂ ଆକାଶବାଣୀର ୟୁ୍ୟଟ୍ୟୁବ

ଚ୍ୟାନେଲ ଏବଂ ଅନ୍ୟ ଆକାଶବାଣୀ କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଏହା ସିଧାସଳଖ ପ୍ରସାରଣ ହେବ। ଶପଥ ଗ୍ରହଣ କାର୍ଯ୍ୟକ୍ରମର ଧାରା ବିବରଣୀ ଓଡ଼ିଆ ଭାଷାରେ ସନ୍ଧ୍ୟା ୬ଟା ୪୫ ମିନିଟ୍‌ରୁ ପ୍ରସାରଣ କରାଯିବ।

***Desk***

## ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ

ଓଡ଼ିଶାରେ ଆସନ୍ତା ୧୨ ତାରିଖ ବୁଧବାର ଦିନ ନୂଆ ମୁଖ୍ୟମନ୍ତ୍ରୀଙ୍କର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ସୂଚନା ଦେଇ ବିଜେପିର ମୁଖପାତ୍ର ଯତୀନ ମହାନ୍ତି କହିଛନ୍ତି, ବିଜେପି ସଂସଦୀୟ ବୋର୍ଡ ନୂଆ ମୁଖ୍ୟମନ୍ତ୍ରୀଙ୍କର ଚୟନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ। ୧୧ ତାରିଖରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ। ରାଜ୍ୟପାଳ ରଘୁବର ଦାସ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ଶପଥ ପାଠ କରାଇବେ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ତଥା ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଗଣ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

***Desk***

## ଭେଷଜ ମହାବିଦ୍ୟାଳୟ

ରାଜ୍ୟରେ ଆଉ ତିନୋଟି ଭେଷଜ ମହାବିଦ୍ୟାଳୟ ଖୋଲାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ଶେଷ ସୁଦ୍ଧା ଯାଜପୁରରେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଫୁଲବାଣୀ ଓ ଅନୁଗୁଳରେ ଗୋଟିଏ ଲେଖାଏଁ ଭେଷଜ ମହାବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି

ନିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ  ଶଯ୍ୟା ସଂଖ୍ୟା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି।

***Baragarh/Sambalpur***

## ଶୀତଳ ଷଷ୍ଠୀ

ସମ୍ବଲପୁର ସହରରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଉତ୍ସବ ମୁଖର ହୋଇଉଠିଛି। ରୀତିନୀତି ଅନୁସାରେ ଆଜି ଲୋକନାଥ ବାବା, ଜାଗେଶ୍ୱର ବାବା, ଶୀତଳେଶ୍ୱର ବାବା ଓଁକାରେଶ୍ୱର ବାବା, ପାହାଡେଶ୍ୱର ବାବାଙ୍କ ପତରପେଣ୍ଡି କାର୍ଯ୍ୟକ୍ରମ ହୋଇଯାଇଛି। ମୋଦୀପଡା ଓ ଝାଡୁଆପଡାରେ ଦେବ ନିମନ୍ତ୍ରଣ ସରିଛି। ଆସନ୍ତାକାଲି ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ଶିବ ବିବାହ ଏବଂ ମଙ୍ଗଳବାର ଦିନ ନଗର ପରିକ୍ରମା ଏବଂ ବୁଧବାର ଦନି ଦେବ ଦମ୍ପତ୍ତିକଙ୍କର ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି।

ବରଗଡ଼ ଜିଲ୍ଲା ବରପାଲିର ଶୀତଳଷଷ୍ଠୀ ଯାତ୍ରା ଆଜି ଆରମ୍ଭ ହୋଇଛି। ବାବା କପିଳେଶ୍ୱର ଏବଂ ମାତା ପାର୍ବତୀଙ୍କର ଦେବ ବିବାହ ଆୟୋଜିତ ପାଇଁ ବରପାଲି ଉତ୍ସବମୁଖର ହୋଇଉଠିଛି। କନ୍ୟା ମନୋନୟନ ଏବଂ ପତରପେଣ୍ଡି ବିଧି ଅନୁଯାୟୀ ସମ୍ପନ୍ନ ହୋଇଛି। ବିଧିମତେ ଉଭୟେ  ବର ଏବଂ କନ୍ୟା ପକ୍ଷଙ୍କ ତରଫରୁ ବିବାହ ପାଇଁ ଲଗ୍ନସ୍ଥିର ହୋଇଛି।

*Desk*

## ମାଟ୍ରିକ ପରୀକ୍ଷା ଫର୍ମପୂରଣ

ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଫର୍ମ ପୂରଣ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ସକାଳ ୯ଟାରୁ ଅନଲାଇନ୍ ମାଧ୍ୟମରେ ଫର୍ମପୂରଣ କରାଯାଇପାରିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ସୂଚନା ଦେଇଛି। ଆସନ୍ତା ୨୧ ତାରିଖ ରାତି ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଫର୍ମପୂରଣ ସମୟସୀମା ଧାର୍ଯ୍ୟ ହୋଇଛି। ନିୟମିତ, ଏକ୍ସ ରେଗୁଲାର, ପତ୍ର ମାଧ୍ୟମ ରେଗୁଲାର ଏବଂ ପତ୍ର ମାଧ୍ୟମ ଏକ୍ସ ରେଗୁଲାର ପରୀକ୍ଷା ଲାଗି ଏହି ସମୟ ମଧ୍ୟରେ ଫର୍ମପୂରଣ ଏବଂ ପରୀକ୍ଷା ଫିସ୍ ପୈଠ କରିପାରିବେ। ଫର୍ମପୂରଣ ସମ୍ପର୍କିତ ସମସ୍ତ ତଥ୍ୟ ପରିଷଦର ୱେବସାଇଟ୍‌ରେ ଉପଲବ୍ଧ ଅଛି ବୋଲି ପରିଷଦ ସୂଚନା ଦେଇଛି।

*HS*

## ଜେଇଇ ଆଡଭାନ୍ସ ରେଜଲ୍ଟ

ଯୁଗ୍ମ ପ୍ରବେଶିକା ପରୀକ୍ଷା-ଜେଇଇ ଆଡଭାନ୍ସ-୨୦୨୪ର ଫଳାଫଳ ଆଜି ପ୍ରକାଶ ପାଇଛି । ଏଥିରେ ମୋଟ ୪୮ହଜାର ୨୪୮ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଆଇଆଇଟି ଦିଲ୍ଲୀ ଜୋନର ବେଦ ଲାହୋଟି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ଫଳାଫଳକୁ ଛାତ୍ରଛାତ୍ରୀ ଆଇଆଇଟି ଜେଇଇ ଆଡଭାନ୍ସର ୱେବସାଇଟ୍ ***www.jeeadv.ac.in*** ରେ ଦେଖିପାରିବେ । ଆସନ୍ତା ୧୦ତାରିଖଠାରୁ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ କାଉନସେଲିଂ ଜରିଆରେ ଦେଶର ୨୩ଟି ଆଇଆଇଟିରେ ନାମ ଲେଖାଇପାରିବେ ।

***CTC***

## ହାତୀ ଗଣନା

ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ୫ଟି ବନାଞ୍ଚଳରେ ୧୭୮ଟି ହାତୀ ଅଛନ୍ତି। ଗତ ମାସରେ ହୋଇଥିବା ହାତୀ ଗଣନା ପରେ ବିଭାଗ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି। ଗତ ୭ ବର୍ଷ ମଧ୍ୟରେ ହାତୀ ସଂଖ୍ୟା ବୃଦ୍ଧି ପାଇଛି। ୨୦୧୭ ମସିହା ଗଣନା ଅନୁଯାୟୀ, ଆଠଗଡ଼ ବନଖଣ୍ଡରେ ୧୧୫ଟି ହାତୀ ଥିଲେ। ବୃଦ୍ଧି ପାଇଥିବା ୭୩ଟି ହାତୀ ମଧ୍ୟରେ ୩୭ଟି ପୁରୁଷ ଏବଂ ୪୯ଟି ହାତୀଛୁଆ ଅନ୍ତର୍ଭୁକ୍ତ।

***Nabarangapur***

## ଯୁବ କ୍ରୀଡ଼ା ପ୍ରତିଯୋଗିତା

୧୯ତମ ଜାତୀୟ ଯୁବ କ୍ରୀଡ଼ା ପ୍ରତିଯୋଗିତା ପାଇଁ ନବରଙ୍ଗପୁର ଜିଲ୍ଲାରେ ଉମରକୋଟ ନିକଟସ୍ଥ ବି.ଏସ୍.ଦରରେ ଥିବା କଲ୍ୟାଣ ବିଭାଗର ଆଶ୍ରମ ସ୍କୁଲର ରାଧାଶାନ୍ତା ମନୋନୀତ ହୋଇଛନ୍ତି। ନବମ ଶ୍ରେଣୀର ଛାତ୍ରୀ ରାଧା ୩ କିଲୋମିଟର ଚାଲିବା ପ୍ରତିଯୋଗିତା ଅଂଶଗ୍ରହଣ କରିବେ। ୭୦ତମ ରାଜ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ରାଧା ରୌପ୍ୟ ପଦକ ହାସଲ କରି ଜାତୀୟ ପ୍ରତିଯୋଗିତା ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ବିଳାସପୁରର ଛତିଶଗଡ଼ ବାହାତରାଲ ଷ୍ଟାଡିୟମ ଠାରେ ଆସନ୍ତା ୧୫ରୁ ୧୭ ତାରିଖ ଯାଏଁ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ମୋଟ୍ ୩୬ ଜଣ କ୍ରୀଡ଼ାବିତ୍ ବିଭିନ୍ନ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ରାଧା

ନବରଙ୍ଗପୁର ଜିଲ୍ଲାରେ ଏକମାତ୍ର କ୍ରୀଡ଼ାବିତ୍ ଭାବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି।

***Desk***

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗତକାଲିଠାରୁ ଓଡ଼ିଶା ଛୁଇଁବା ପରେ ମାଲକାନଗିରି ସମେତ ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ବର୍ଷା ହେଉଥିବା ଜଣାପଡିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା,ନୟାଗଡ, ଗଞ୍ଜାମ, ଗଜପତି, ସମ୍ବଲପୁର, ଝାରସୁଗୁଡା, ବୌଦ୍ଧ ଏବଂ ନୂଆପଡା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ ରାଜ୍ୟର ଅନ୍ୟ କେତେକ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ।

*****